ଓଡ଼ିଶା ସରକାର

## ସାଧାରଣ ପ୍ରଶାସନ ବିଭାଗ

ସଂଖ୍ୟା 29815 (130)-ସା. ପ୍ର.

ତାରିଖ 22 ସେପ୍ଟେମ୍ବର 1989

ପ୍ରାପ୍ତେଷୁ—

ସମସ୍ତ ପ୍ରଶାସନିକ ବିଭାଗ/
ସମସ୍ତ ବିଭାଗୀୟ ମୁଖ୍ୟ/
ସମସ୍ତ ଜିଲ୍ଲାପାଳ

ଜିଲ୍ଲାସ୍ତରରେ ଅଣଗେଜେଟେଡ୍ ପଦବୀ ଗୁଡ଼ିକ ପୂରଣ କରାଯିବା ସମୟରେ ବିଭିନ୍ନ ସ୍ତରରେ ହେଉଥିବା ଅସଦାଚରଣକୁ ରୋକିବାପାଇଁ ଏହି ବିଭାଗର ସଂକଳ୍ପ ସଂଖ୍ୟା 21671, ତା 17 ସେପ୍ଟେମ୍ବର 1987 ରିଖରେ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ-ପର୍ଯ୍ୟାୟରେ ସମସ୍ତ ଅଣଗେଜେଟେଡ୍ ପଦବୀ ପାଇଁ ପ୍ରାର୍ଥୀ ମନୋନୟନ କରିବା ସଂକ୍ରାନ୍ତରେ ଏହି ବିଭାଗ ତରଫରୁ ଅନ୍ୟ ଏକ ସଂକଳ୍ପ ସଂଖ୍ୟା 32538 ଗୁଡ଼ିକରେ ଚତୁର୍ଥ ଶ୍ରେଣୀ ପଦବୀ ପୂରଣ ପାଇଁ ପ୍ରାର୍ଥୀ ମନୋନୟନ ମଧ୍ୟ ଏହି ସଂକଳ୍ପ ଦ୍ୱାରା ପରିଚାଳିତ ହେବାକୁ ନିର୍ଦ୍ଦେଶ ଥିଲା । କିନ୍ତୁ ପରବର୍ତ୍ତୀ ତା 16-11-1988 ରିଖଟି ନିର୍ଗମିତ ହେବା ପରେ ଚତୁର୍ଥ ଶ୍ରେଣୀ ପଦବୀ ପୂରଣ କରିବା କ୍ଷେତ୍ରରେ କେତେକ କର୍ତ୍ତୃପକ୍ଷଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ଏହି ସନ୍ଦେହକୁ ଦୂର କରିବାକୁ ଯାଇ ଏହି ବିଭାଗ ତରଫରୁ ପରିପତ୍ର ସଂଖ୍ୟା 11752, ତା 19-4-1989 ରିଖ ଜରିଆରେ ସ୍ପଷ୍ଟ କରି ଦିଆଯାଇଥିଲା ଯେ ସମସ୍ତ ଜିଲ୍ଲା କାର୍ଯ୍ୟାଳୟଗୁଡ଼ିକର ଚତୁର୍ଥ ଶ୍ରେଣୀ ପଦବୀ ପୂରଣ ପାଇଁ ସମ୍ପୃକ୍ତ ଜିଲ୍ଲାପାଳମାନେ ପ୍ରାର୍ଥୀ ମନୋନୟନ କରିବେ । ଏହି ମନୋନୟନ ପାଇଁ କେତେକ ପଦ୍ଧତି ଅନୁସରଣ କରିବାକୁ ମଧ୍ୟ ଏହି ପରିପତ୍ର ଜରିଆରେ ପରାମର୍ଶ ଦିଆଯାଇଥିଲା ।

ପରବର୍ତ୍ତୀ ସମୟରେ ବିଚାର କରାଗଲା ଯେ ଜିଲ୍ଲାପାଳମାନେ ଜିଲ୍ଲାର ସମସ୍ତ ଶାସନ କାର୍ଯ୍ୟ ତଥା ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ବ୍ୟସ୍ତ ଥାଇ ଚତୁର୍ଥ ଶ୍ରେଣୀପଦବୀ ପାଇଁ ନିର୍ଦ୍ଦିଷ୍ଟ ସମୟରେ ମନୋନୟନ ପରୀକ୍ଷା ପରିଚାଳନା କରିବା ସମ୍ଭବ ହେବନାହିଁ ।

ସୁତରାଂ ସରକାର ଏହାକୁ ଯତ୍ନର ସହିତ ବିଚାର କରି ଏହି ବିଭାଗର ପରିପତ୍ର ସଂଖ୍ୟା 11752, ତା 19-4-1989 ରିଖରେ ଆଂଶିକ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ସିଦ୍ଧାନ୍ତ ଗ୍ରହଣ କରିଅଛନ୍ତି ଯେ ପୂର୍ବପରି ଜିଲ୍ଲାର ପ୍ରତ୍ୟେକ କାର୍ଯ୍ୟାଳୟର ପ୍ରାଧିକାରୀମାନେ ଏଣିକି ସେମାନଙ୍କର ନିଜ ନିଜ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ ପଦବୀ ପୂରଣ ପାଇଁ ପ୍ରାର୍ଥୀ ମନୋନୟନ କରିବେ । ଏହି ମନୋନୟନ କେବଳ ସ୍ଥାନୀୟ ତହସିଲଦାରଙ୍କ ନିକଟରୁ ଆବାସିକ ପ୍ରମାଣପତ୍ର ଏବଂ ସ୍ଥାନୀୟ ନିଯୋଜନ କାର୍ଯ୍ୟାଳୟର ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ର ଗ୍ରହଣ କରିଥିବା ସ୍ଥାନୀୟ ପ୍ରାର୍ଥୀଙ୍କ ମଧ୍ୟରେ ହିଁ କରାଯିବ । ଏଥିପାଇଁ ଆବଶ୍ୟକ ହେଲେ ସଂପୃକ୍ତ କର୍ତ୍ତୃପକ୍ଷ ମନୋନୟନ ବୋର୍ଡ ପ୍ରସ୍ତୁତ କରିପାରିବେ ।

ଉପରୋକ୍ତ ପରିପତ୍ରରେ ଥିବା ଅନ୍ୟ ସମସ୍ତ ନିର୍ଦ୍ଦେଶ ଗୁଡ଼ିକ ଅପରିବର୍ତ୍ତିତ ରହିବ ।

ରାଧାକାନ୍ତ ନାୟକ
ସ୍ୱତନ୍ତ୍ର ଶାସନ ସଚିବ